# ରାଜ୍ୟରେ ଭିନ୍ନକ୍ଷମଙ୍କ ନିମନ୍ତେ ସୁବିଧା ସୁଯୋଗ

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ

ଭିନ୍ନକ୍ଷମମାନଙ୍କର କଲ୍ୟାଣ ନିମନ୍ତେ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ । ଭିନ୍ନକ୍ଷମମାନଙ୍କର କଲ୍ୟାଣ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଭିନ୍ନକ୍ଷମ ନିର୍ଦ୍ଦେଶାଳୟ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି ।

ସବୁ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ, ଭୁବନେଶ୍ୱର ଓ ରାଉରକେଲା ମୁଖ୍ୟ ଚିକିତ୍ସାଳୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରତି ମାସରେ ଦିଆଯାଉଛି । ଭିନ୍ନକ୍ଷମମାନଙ୍କ ପୁନର୍ବାସ ନିମନ୍ତେ ରାଜ୍ୟ ପୁନର୍ବାସ ପ୍ରତିଷ୍ଠାନ ଏବଂ ୮ଟି ଜିଲ୍ଲା ଯଥା: ଖୋର୍ଦ୍ଧା, କଳାହାଣ୍ଡି, ସମ୍ବଲପୁର, ନବରଙ୍ଗପୁର, ଗଞ୍ଜାମ, ମୟୂରଭଞ୍ଜ, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଛି । ଭିନ୍ନକ୍ଷମମାନଙ୍କୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସହାୟକ ଉପକରଣ (ତିନିଚକିଆ ସାଇକେଲ, ଚକଲଗା ଚୌକି, ଶ୍ରବଣ ଯନ୍ତ୍ର, ଆଶାବାଡ଼ି, ବ୍ରେଲସ୍ଲେଟ୍) ପ୍ରଭୃତି ସବୁ ବ୍ଲକ ମ୍ୟୁନିସିପାଲିଟିରେ ନିୟମିତଭାବେ ବଣ୍ଟନ କରୁଛନ୍ତି । ମାସିକ ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ଆୟଥିବା ଭିନ୍ନକ୍ଷମମାନଙ୍କୁ ସ୍ୱତନ୍ତ୍ର ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି । ଭିନ୍ନକ୍ଷମମାନଙ୍କର ଶଲ୍ୟ ଚିକିତ୍ସା କରାଯାଇ ଭିନ୍ନକ୍ଷମତାର ନିରାକରଣ କରାଯାଉଛି । ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରତିଷ୍ଠାନ ଜଟଣୀଠାରେ ସ୍ଥାପନ କରାଯାଇଛି । ରାଜ୍ୟରେ ଦୃଷ୍ଟିହୀନ, ମୂକବଧିର ଓ ମାନସିକ ଅନଗ୍ରସର ପିଲାମାନଙ୍କ ଶିକ୍ଷା ନିମନ୍ତେ ୪ଟି ସରକାରୀ, ୫୧ଟି ରାଜ୍ୟ ସରକାରୀ ଅନୁଦାନପ୍ରାପ୍ତ ଓ ୬୧ଟି କେନ୍ଦ୍ର ଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଅଛି । ବାଣିଶ୍ରୀ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ପାଠ ପଢ଼ିବା, ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଓ ତାଲିମ ପାଇଁ ଛାତ୍ରବୃତ୍ତି ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଏହି ସୁବିଧା ପ୍ରଥମ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ମିଳିପାରିବ । ଭିନ୍ନକ୍ଷମ ପିତାମାତାଙ୍କର ପିଲାମାନଙ୍କୁ ମଧ୍ୟ ଛାତ୍ରବୃତ୍ତି ଦିଆଯାଉଛି । ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଛି । ଦୃଷ୍ଟିହୀନ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଲ୍ୟାପ୍‌ଟପ୍ ଦିଆଯାଉଛି । ଏହି ସୁବିଧା ଯୁକ୍ତ ତିନି କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ପଢୁଥିବା ଓ ସେମାନଙ୍କର କମ୍ପ୍ୟୁଟରରେ ଜ୍ଞାନଥିବା ଦୃଷ୍ଟିହୀନଙ୍କ ପାଇଁ ଉଦ୍ଦିଷ୍ଟ ।

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ (ସମାନ ସୁଯୋଗ, ଅଧିକାର, ସୁରକ୍ଷା ଓ ସକ୍ରିୟ ଅଂଶଗ୍ରହଣ) ଅଧିନିୟମ ୧୯୯୫ ଅନୁଯାୟୀ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ସରକାରଙ୍କ ଅଧୀନରେ ଥିବା କାର୍ଯ୍ୟାଳୟରେ ଖାଲିଥିବା ପଦବୀର ଶତକଡ଼ା ୩ ଭାଗ ସଂରକ୍ଷଣ କରାଯାଇଛି । ନିଯୁକ୍ତି କ୍ଷେତ୍ରରେ ବୟସ ସୀମା ୧୦ବର୍ଷ କୋହଳ କରାଯାଉଛି । ସେମାନଙ୍କ ନିମନ୍ତେ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସମସ୍ତ ବ୍ୟବସ୍ଥା କରାଯାଇଛି । ଆତ୍ମନିଯୁକ୍ତି ସୃଷ୍ଟି କରିବା ପାଇଁ ମାତ୍ର ୫ ଜଣଙ୍କୁ ନେଇ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ଦେବା ପାଇଁ ଏକ ସ୍ୱତନ୍ତ୍ର କର୍ମଯୋଗାଣ ସଂସ୍ଥା ଭୁବନେଶ୍ୱରଠାରେ କାର୍ଯ୍ୟ କରୁଛି । ଶତକଡ଼ା ୬୦ ଭାଗରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ କି.ଗ୍ରା ପ୍ରତି ୧ଟଙ୍କା ଦରରେ ମାସକୁ ୧୦ କିଲୋ ଚାଉଳ ଯୋଗାଇ ଦିଆଯାଉଛି । ଏ ପର୍ଯ୍ୟନ୍ତ ୧,୨୧,୭୨୩ ଜଣ ଭିନ୍ନକ୍ଷମ ଏହାଦ୍ୱାରା ଉପକୃତ ହୋଇଛନ୍ତି । ୧ଲକ୍ଷ ୫୫ହଜାର ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବସ୍‌ରେ ଯାତାୟାତ ପାଇଁ ରିହାତି ପ୍ରଦାନ କରାଯାଇଛି । ୫୪ ହଜାର ୬୦୦ ସହାୟକ ଉପକରଣ ବଣ୍ଟନ କରାଯାଇଛି । ୨୦୧୪-୧୫ ବର୍ଷରେ ୧୯୨୬ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଡି.ଆର.ଆଇ ଋଣ ମାଧ୍ୟମରେ ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି ।

୨୦୧୪-୧୫ ବର୍ଷରେ ବାଣିଶ୍ରୀ ଯୋଜନାରେ ୩୦, ୬୫୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ, ୪୮୭ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଇଛି । ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଶନ କ୍ଷମତା ଜରିଆରେ ୧.୫କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ୨,୨୨,୨୦୦ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମାସିକ ୩୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ, ୧୦୦ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଉଚ୍ଚତର ଶିକ୍ଷା ପାଇଁ ମାଗଣାରେ ସ୍ୱତନ୍ତ୍ର ଲ୍ୟାପ୍‌ଟପ୍ ପ୍ରଦାନ କରାଯାଇଛି । ୪୪ଜଣ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

ଗବେଷଣା ଓ ତଥ୍ୟ ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର

# ସବୁଠୁ ମୁଁ ଭାଗ୍ୟବାନ

**ଯାଜ୍ଞସେନୀ ପଣ୍ଡା**

ପ୍ରକୃତି ସମ୍ପଦେ ଭରା ମୋ' ଉତ୍କଳ
ସଂସ୍କୃତିର ଗନ୍ତାଘର
ଭାଷା ଭାଷି ମଧ୍ୟେ ଶ୍ରେଷ୍ଠ ମୋ ଓଡ଼ିଆ
ଓଡ଼ିଶାରେ ମୋର ଘର ।
ନଦନଦୀ ବିଲ ବନ ଉପବନ
ସବୁଜ ବନାନୀ ଗିରି
ଜଗତର ନାଥ କାଳିଆ ସାଆନ୍ତ
ଓଡ଼ିଆ ଜାତିର ଶିରୀ ।
ଜନମିଛନ୍ତି ଏ ଓଡ଼ିଶା ମାଟିରେ
କେତେ ଶ୍ରେଷ୍ଠ ନରପତି
ବିଜୁ ଗୋପବନ୍ଧୁ ବକ୍ସି ଜଗବନ୍ଧୁ
କୃଷ୍ଣଚନ୍ଦ୍ର ଗଜପତି ।
ରାଉରକେଲାର ଲୁହା କାରଖାନା
ଦେଶ ବିଦେଶରେ ମାନ
ବନ୍ଦର ମଧ୍ୟରେ ପାରାଦୀପ ନାମ
ରଖିଛି ଆମ ସୁନାମ ।

ମନ୍ଦିର ମାଳାରେ ଶୋଭେ ମୋ' ରାଇଜ
ମହକି ଉଠେ ମୋ ମନ
ପୁରୁଷ ପୁରୁଷ ରଖିଛି ସାଇତି
ଓଡ଼ିଆର ସ୍ୱାଭିମାନ ।
ବାର ମାସେ ତେର ପରବ ଆମର
ନିଇତି ଯାନିଯାତରା ।
ଶଙ୍ଖ ହୁଳହୁଳି ମନ୍ଦିରେ କାହାଳୀ
ଏଇ ଆମ ପରମ୍ପରା ।
ମଣ୍ଡା ଖିରି ପୁଳି ଆରିଷା କାକରା
ଦହିବରା ଭଙ୍ଗାପାନ
ସେଇ ରାଇଜରେ ମୋର ଏ ଜନମ
ସବୁଠୁ ମୁଁ ଭାଗ୍ୟବାନ ।

ଘର ନଂ- ୱାନ୍ ଆର୍-୨୨
ରୋଡ୍ ନଂ- ୮, ୟୁନିଟ୍-୯
ଭୁବନେଶ୍ୱର

❖ ❖ ❖